## ସଂକ୍ଷେପରେ

### ଅବକାରୀ ଅଧିକାରୀଙ୍କ ଘରୁ ଚୋରି



କାମାକ୍ଷାନଗର, ୬।୭(ସୁଧୀର ପରିଡ଼ା)- କାମାକ୍ଷାନଗର ଥାନା ଜରିଡ଼ାମାଳିରେ ରହୁଥିବା ଅବକାରୀ ଅଧିକାରୀ ସଞ୍ଜୀବ ଶର୍ମାଙ୍କ ଭଡ଼ାଘରୁ ବଡ଼ ଧରଣର ଚୋରି ହୋଇଛି। ତାଙ୍କ ଅନୁପସ୍ଥିତିର ସୁଯୋଗରେ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଆଲମିରାରେ ରଖାଯାଇଥିବା ପ୍ରାୟ ୩ ଲକ୍ଷ ଟଙ୍କା, ୭ ଭରିରୁ ଊର୍ଦ୍ଧ୍ୱ ସୁନାଗହଣା ଲୁଟି ନେଇଛନ୍ତି। ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଞ୍ଜୀବ କୌଣସି କାର୍ଯ୍ୟରେ କୋଲକାତା ଯାଇଥିଲେ। ଘର ବନ୍ଦ ଥିବା ସୁଯୋଗରେ ଅଭିଯୁକ୍ତମାନେ ତାଲା ଭାଙ୍ଗି ନଗଦ ଟଙ୍କା, ସୁନାଗହଣା ନେଇଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ରେଳ ଧାରଣାରୁ ବିଖଣ୍ଡିତ ମୃତଦେହ ଜବତ

ଢେଙ୍କାନାଳ, ୬।୭(ରତନ ନାୟାର): ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡ୍ ନିକଟ ରେଳ ଧାରଣାରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ବିଖଣ୍ଡିତ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ମହାଦିଆ ଗ୍ରାମର ବ୍ରଜବନ୍ଧୁ ଧଳ (୬୬)। କୌଣସି କାରଣରୁ ଟ୍ରେନ୍ ଧାରଣାରେ ମୁଣ୍ଡ ରଖି ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ସୂଚନା ପାଇ ତାଳଚେର ରେଲୱେ ପୋଲିସ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ନଂ. ୪୭/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଢେଙ୍କାନାଳ, ୬।୭(ରତନ ନାୟାର)- ଢେଙ୍କାନାଳ ସଦର ବ୍ଲକ ବେଲଟିକିରି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଅଭିମନ୍ୟୁ କରଙ୍କ ଗୁରୁବାର ଭୋର ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୩ବର୍ଷ ବୟସ ହୋଇଥିଲା। ସେ କିଛିଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଅଭିମନ୍ୟୁ ଅବସର ନେବା ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ହୋଇ ଲୋକପ୍ରିୟତା ହାସଲ କରିଥିଲେ। ମରଶରୀର ବେଲଟକିରିରେ ପହଞ୍ଚିବା ପରେ ସରସ୍ୱତୀ ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ, ଗୁରୁମା, ଗୁରୁଜୀ ଏବଂ ଅଞ୍ଚଳବାସୀ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୩ ବର୍ଷରେ ୯ ଦନ୍ତା ମୃତ
# ସଂଖ୍ୟା କମିଲେ ସମସ୍ୟା

**ଖାଦ୍ୟ ଅନ୍ୱେଷଣରେ ଗୋଠରୁ ଅଲଗା ହୋଇ ଯାଉଥିବା ଦନ୍ତା ହାତୀ ଏବେ ଅସୁରକ୍ଷିତ। ଶିକାରୀଙ୍କ ଆଖି ଏବେ ସେମାନଙ୍କ ଉପରେ। ଦାନ୍ତ ଲୋଭରେ ସେମାନଙ୍କୁ କରାଯାଉଛି ଅବାଧ ଶିକାର। ଅନେକ ସମୟରେ ବନ୍ୟପ୍ରାଣୀ ମାଂସଲୋଭୀଙ୍କ ବିଦ୍ୟୁତ୍ ଫାଶ ସେମାନଙ୍କ ପାଇଁ ହେଉଛି କାଳ। ଢେଙ୍କାନାଳ ଜିଲାରେ ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୯ ଦନ୍ତାଙ୍କ ଜୀବନ ଯିବା ଯେତିକି ଚିନ୍ତାଜନକ, ସେତିକି ସ୍ପର୍ଶକାତର ମଧ୍ୟ। ଏଭଳି ଦନ୍ତାମୃତ୍ୟୁ ଲାଗି ରହିଲେ ହାତୀବଂଶ ବୃଦ୍ଧି ପ୍ରଭାବିତ ହେବ ବୋଲି ଆଶଙ୍କା ବ୍ୟକ୍ତ କରିଛି ବନ ବିଭାଗ।**



ଢେଙ୍କାନାଳ, ୬।୭(ରତନ ନାୟାର)

ଶିମିଳିପାଳ ପରେ ହାତୀସଂଖ୍ୟାରେ ଦ୍ୱିତୀୟ ସ୍ଥାନ ହାସଲ କରିଛି ଢେଙ୍କାନାଳ। ଥଣ୍ଡା ଜଳବାୟୁ, ସଂରକ୍ଷିତ ଜଙ୍ଗଲରେ ଅବାଧ ବିଚରଣ ଏହି ଐତିହ୍ୟପ୍ରାଣୀଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି। ହେଲେ ସମାନ୍ତରାଳ ଭାବେ ହାତୀ–ମଣିଷ ସଂଘର୍ଷକୁ ନେଇ କିଛି କମ୍ ଅପବାଦ ମୁଣ୍ଡାଇନି ଜିଲା। ଏସବୁ ଭିତରେ ବନ ବିଭାଗ ଚକିତ କରିବା ଭଳି ତଥ୍ୟ ଦେଇଛି। ଦନ୍ତା ସଂଖ୍ୟାରେ ଯଦି ଏଭଳି ହ୍ରାସ ଲାଗି ରହେ, ତେବେ ମାଈ ହାତୀଙ୍କ ସହ ମିଳନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ଏବଂ ବର୍ଷ କେଇଟାରେ ଜିଲାରୁ ହାତୀ ବଂଶ ଲୋପ ପାଇଯିବ।

ଭାରତରେ ଐତିହ୍ୟ ପ୍ରାଣୀ ତାଲିକାଭୁକ୍ତ ହୋଇଛି ହାତୀ। ହେଲେ ଏହାର ସୁରକ୍ଷା ଲାଗି ନିଆଯାଇଥିବା ପଦକ୍ଷେପ ସମୁଦ୍ରକୁ ଶଙ୍ଖେ। ତେଣୁ ସ୍ଥଳଭାଗରେ ବାସ କରୁଥିବା ଏହି ବୃହତ୍ତମ ସ୍ତନ୍ୟପାୟୀ ପ୍ରାଣୀ ବଂଶ ପ୍ରତି ବିପଦ ଘନେଇବାରେ ଲାଗିଛି। ବିଶେଷ କରି ଓଡ଼ିଶାର ବିଭିନ୍ନ ସ୍ଥାନରେ ଦାନ୍ତ ଲୋଭରେ ଦନ୍ତା ଶିକାର ଏବଂ ଏଥିରେ ବନ ବିଭାଗର ପଦସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଧରାପଡ଼ିବା ଚିନ୍ତା ବଢ଼ାଇଛି। ଏଭଳି ସ୍ଥିତିରେ ଢେଙ୍କାନାଳରେ ଗତ ୩ ବର୍ଷରେ ବିଭିନ୍ନ କାରଣରୁ ୯ ଦନ୍ତା ହାତୀଙ୍କ ଜୀବନ ଯିବା ବନ ବିଭାଗ ପାଇଁ ସତର୍କ ଘଣ୍ଟି ବଜାଇଛି।

ବନ୍ୟପ୍ରାଣୀ ବିଶେଷଜ୍ଞଙ୍କ କହିବା କଥା, ସାଧାରଣତଃ ୮ରୁ ୧୨ବର୍ଷ ମଧ୍ୟରେ ଶାରୀରିକ ଦୃଷ୍ଟିରୁ ଉଭୟ ମାଈ ଏବଂ ଅଣ୍ଡିରା ହାତୀ ମିଳନ ପାଇଁ ପ୍ରସ୍ତୁତ ହୋଇଥାନ୍ତି। ଡିସେମ୍ବରରୁ ମାର୍ଚ୍ଚ ସେମାନଙ୍କ ମିଳନର ପ୍ରକୃଷ୍ଟ ସମୟ। ମିଳନ ଋତୁରେ ଗୋଟିଏ ଦନ୍ତା ୫ ମାଈ ହାତୀଙ୍କ ସହ ସମ୍ପର୍କ ସ୍ଥାପନ କରିଥାଏ। ସେମିତି କୌଣସି କାରଣ ନ ହେଲେ ସମସ୍ତ ୫ ମାଈ ହାତୀ ଗର୍ଭଧାରଣ କରିବାକୁ ସକ୍ଷମ ହୋଇଥାଆନ୍ତି। ପ୍ରାୟ ୨୨ମାସର ଗର୍ଭଧାରଣ ପରେ ଛୁଆ ଜନ୍ମ ହୋଇଥାଏ। ମିଳନ ପାଇଁ ଦନ୍ତା–ମାଈ ହାତୀଙ୍କ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟାତ୍ମକ ସନ୍ତୁଳନ ରହିବା ନିହାତି ଆବଶ୍ୟକ। ହେଲେ ବିଭିନ୍ନ କାରଣରୁ ଢେଙ୍କାନାଳ ଜିଲାରେ ଯୁବ ଅଣ୍ଡିରା ହାତୀଙ୍କ ମୃତ୍ୟୁ ଆଶାତୀତ ଭାବେ ବଢ଼ିବାରେ ଲାଗିଛି। ଏକ ତଥ୍ୟ ଅନୁଯାୟୀ, ୨୦୨୧–୨୨ ବର୍ଷରେ ୩ଟି, ୨୦୨୨–୨୩ରେ ୫ଟି ଓ ୨୦୨୩–୨୪ ବର୍ଷର ଜୁଲାଇ ୬ ସୁଦ୍ଧା ଗୋଟିଏ ଦନ୍ତା ହାତୀର ମୃତ୍ୟୁ ଘଟିଛି। ଜିଲାର ହାତୀ ଉପଦ୍ରୁତ ଅଞ୍ଚଳର ଜଙ୍ଗଲ ଓ ଚାଷଜମି ନିକଟରେ ଶିକାରୀମାନେ ବାର୍ହା ଶିକାର ପାଇଁ ବିଦ୍ୟୁତ୍ ଫାଶ ବିଛାଉଛନ୍ତି। ଅନେକ ସମୟରେ ଏଥିରେ ଛନ୍ଦି ହୋଇ ହାତୀଙ୍କ ଜୀବନ ଯାଉଛି। ବିଶେଷ କରି ଦଳରୁ ଅଲଗା ହୋଇ ଏକାକୀ ବିଚରଣ କରୁଥିବା ଦନ୍ତାଙ୍କ ପ୍ରାଣହାନି ଆଶଙ୍କା ବେଶି। ସମ୍ପୃକ୍ତ ୯ ହାତୀ ମଧ୍ୟରୁ ଅଧିକାଂଶ ବିଦ୍ୟୁତ୍ ଫାଶରେ ପଡ଼ିଛନ୍ତି। ଜିଲାର ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଏବେ ୫୪ ଦନ୍ତା ରହିଥିବା ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଦଳପତିକୁ ବେଶି ବିପଦ

ପଲରେ ଥିବା ସବୁଠାରୁ ବୟସ୍କ ଦନ୍ତା ଦଳପତି। ସେ ହାତୀପଲକୁ ନିୟନ୍ତ୍ରଣ କରିଥାଏ। ତେବେ ଦଳରେ ପତିଆରା ପାଇଁ ଦଳପତି ସହ ଯୁବ ଦନ୍ତାଙ୍କ ମଧ୍ୟରେ ଅନେକ ସମୟରେ ସଂଘର୍ଷ ହୋଇଥାଏ। ଦଳପତି ପରାସ୍ତ ହେଲେ ଗୋଠରୁ ଅଲଗା ହୋଇଯାଏ। ସେହିପରି ପ୍ରଜନନ ଋତୁରେ ଦନ୍ତା ଅଧିକ ଉନ୍ମତ୍ତ ହୋଇ ଏକାକୀ ଘୂରି ବୁଲିଥାଏ। ହିଂସ୍ର ଆଚରଣ ପ୍ରଦର୍ଶନ କରି ଉପଦ୍ରବ କରେ। ଏହି ସମୟରେ ଶିକାରୀମାନେ ସକ୍ରିୟ ହୋଇଉଠନ୍ତି। ବିଭିନ୍ନ ଉପାୟରେ ଶିକାର କରିବାକୁ ଯୋଜନା କରିଥାଆନ୍ତି। ତେଣୁ ଦଳପତିଙ୍କ ଉପରେ ବିପଦ ବେଶି।

## କନ୍ଧରା ଘଟଣାରୁ ଶିକ୍ଷା

ଢେଙ୍କାନାଳ ଜିଲା ହିନ୍ଦୋଳ ବନାଞ୍ଚଳର କନ୍ଧରା ସଂରକ୍ଷିତ ଜଙ୍ଗଲ କଟକ ଜିଲାର ବଡ଼ମ୍ବା, ନରସିଂହପୁର ସୀମାକୁ ଲାଗିଛି। ତେଣୁ ଶିକାରୀଙ୍କ ଅନୁପ୍ରବେଶ ସହଜ ହୋଇଯାଉଛି। ୫ବର୍ଷ ତଳେ କନ୍ଧରା ସଂରକ୍ଷିତ ଜଙ୍ଗଲରେ ଶିକାରୀଙ୍କ ଗୁଳିରେ ଏକ ଦନ୍ତା ଟଳିପଡ଼ିଥିଲା। ଏପରି କି ବନ କର୍ମଚାରୀଙ୍କ ଉପରକୁ ଅଭିଯୁକ୍ତମାନେ ଆଖିବୁଜା ଗୁଳିମାଡ଼ କରିଥିଲେ। ଭୟଭୀତ କର୍ମଚାରୀ ଛତ୍ରଭଙ୍ଗ ଦେଇଥିବାବେଳେ ୨ଟି ଦାନ୍ତ ଅଭିଯୁକ୍ତମାନେ କାଟି ନେଇଯାଇଥିଲେ। ଶିକାରୀଙ୍କ ଏଭଳି ଆକ୍ରମଣ ବନ ବିଭାଗ ପାଇଁ ଚେତାବନୀ ସଦୃଶ ହୋଇଥିଲା। ଅଦ୍ୟାବଧି ଏହି ଘଟଣାରେ କେହି ଧରାପଡ଼ି ନ ଥିବାବେଳେ ବନ ବିଭାଗର ଆଧୁନିକୀକରଣକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ କନ୍ଧରା ସଂରକ୍ଷିତ ଜଙ୍ଗଲରେ ସିସିଟିଭି ଲଗାଯିବା ସହ ବିଭିନ୍ନ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କୁହନ୍ତି, ଉଭୟ ମଣିଷ ଏବଂ ହାତୀଙ୍କ ସୁରକ୍ଷା ବନ ବିଭାଗର ଦାୟିତ୍ୱ। ଦନ୍ତା ସଂଖ୍ୟା କମିଲେ ହାତୀ ବଂଶ ପ୍ରତି ବିପଦ। ଏ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯିବ। ହାତୀ ଉପଦ୍ରବରୁ ଧନଜୀବନ ସୁରକ୍ଷା ପାଇଁ ବିଭିନ୍ନ ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ମୋବାଇଲ ଆପ୍ ମାଧ୍ୟମରେ ସୂଚନା ଦେବା ବ୍ୟବସ୍ଥା ମଧ୍ୟ ହୋଇଛି।




ସମାବେଶରେ କଂଗ୍ରେସ ନେତୃମଣ୍ଡଳୀ।

# ‘ଦରବୃଦ୍ଧିରେ ଜନସାଧାରଣ ଅତିଷ୍ଠ’

କାମାକ୍ଷାନଗର, ୬।୭(ସୁଧୀର ପରିଡ଼ା)

**କଂଗ୍ରେସର ଯୁବ ସମାବେଶ**

ଢେଙ୍କାନାଳ ଜିଲା କାମାକ୍ଷାନଗର ନିର୍ବାଚନମଣ୍ଡଳୀ ଅଧୀନ ଜିରାଳଠାରେ ଗୁରୁବାର କଂଗ୍ରେସର ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦରବୃଦ୍ଧିରେ ଦେଶର ସାଧାରଣ ଜନତା ଅତିଷ୍ଠ ହୋଇପଡ଼ିଲେଣି। କେନ୍ଦ୍ରର ଭାଜପା ଏବଂ ରାଜ୍ୟର ବିଜେଡି ସରକାରଙ୍କ ଏଥିପ୍ରତି ସାମାନ୍ୟତମ ଚିନ୍ତା ନାହିଁ। କେନ୍ଦ୍ର–ରାଜ୍ୟ ସରକାର କୋଳାକୋଳି ହୋଇ ଲୋକଙ୍କ ସ୍ୱାର୍ଥକୁ ଭୁଲିଗଲେଣି। ଏହାକୁ ନେଇ ଜନଅସନ୍ତୋଷ ତେଜୁଥିବାବେଳେ କଂଗ୍ରେସ ପକ୍ଷରୁ ବ୍ୟାପକ ଜନଆନ୍ଦୋଳନ ମାଧ୍ୟମରେ ଏହାର ଜବାବ ଦିଆଯିବ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି।

ବିପ୍ରବର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ସମାବେଶରେ ବରିଷ୍ଠ ନେତା ତଥା ଭୁବନ ବ୍ଲକ ସଭାପତି ଭାଗୀରଥି ଜେନା, ଜିଲା କୃଷକ କଂଗ୍ରେସ ଉପସଭାପତି ନକୁଳ ରାଉତ, ପିସିସି ସେବା ଦଳର ବରିଷ୍ଠ ସଦସ୍ୟ ହେମନ୍ତ ବେହେରା, ପିସିସି ସାଧାରଣ ସମ୍ପାଦିକା ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରମୁଖ ଯୋଗଦେଇ କୃଷି ସମସ୍ୟା, ଦରଦାମ ବୃଦ୍ଧି, ବିଦ୍ୟୁତ୍ ବିଭ୍ରାଟ ସମସ୍ୟା ନେଇ ବର୍ଷିଥିଲେ। ବିପ୍ରବର ଅଭିଭାଷଣରେ କହିଲେ, ସାରା ଦେଶରେ କଂଗ୍ରେସ ପ୍ରତି ଜନସମର୍ଥନ ବଢ଼ୁଛି। ‘ହାତକୁ ହାତ ଯୋଡ଼’ କାର୍ଯ୍ୟକ୍ରମକୁ ସବୁବର୍ଗର ଲୋକେ ସ୍ୱାଗତ କରୁଛନ୍ତି। ଆଗାମୀ ଦିନରେ ଭୁବନ, କାମାକ୍ଷାନଗର, ଢେଙ୍କାନାଳ ବ୍ଲକରେ ଏହାର ଆୟୋଜନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଜିଲା ଜୁଆଙ୍ଗ ଜନଜାତି ସଭାପତି ଗୋପାଳ ପଧାନ, ସମ୍ପାଦକ ଚୈତନ୍ୟ ପଧାନ, ଦୀପକ ସାହୁ, ଗୀତାରାଣୀ ମହନ୍ତି, ଭାସ୍କର ମହାନ୍ତି, ମଙ୍ଗଳ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସମେତ ୪୦୦ରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୁଶାନ୍ତ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ‘୫–ଟି’ ସଚିବଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ରାସୋଳ, ୬।୭(ସରୋଜ ମିଶ୍ର)

‘୫–ଟି’ ସଚିବ ଭି.କେ. ପାଣ୍ଡିଆନ ଆସନ୍ତା ୧୨ ତାରିଖରେ ହିନ୍ଦୋଳ ବ୍ଲକ ଗସ୍ତରେ ଆସିବେ। ସାତମାଇଲସ୍ଥିତ ବହୁବର ପଡ଼ିଆରେ ଆୟୋଜିତ ସମାବେଶରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ବ୍ଲକ ବିଜେଡି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ବିଧାୟିକା ସୀମାରାଣୀ ନାୟକଙ୍କ ନେତୃତ୍ୱରେ ରାସୋଳ ଦାମିନି ଗାର୍ଡେନ୍‌ରେ ଏ ସଂକ୍ରାନ୍ତରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟବେକ୍ଷକ ତଥା ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷା ସସ୍ମିତା ନାଏକ, ଉପାଧ୍ୟକ୍ଷ ବରୁଣ ସର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ସଭାନେତ୍ରୀ ଯୋଗମାୟା ଗଡ଼ନାୟକଙ୍କ ସମେତ ସଙ୍ଗଠନର ବିଭିନ୍ନ ଶାଖାର ଆଗଧାଡ଼ିର କର୍ମକର୍ତ୍ତା ଯୋଗଦେଇଥିଲେ। ସଚିବଙ୍କ ଗସ୍ତ ସମୟରେ ପ୍ରଶାସନକୁ ଆବଶ୍ୟକ ସହଯୋଗ ଓ ସମାବେଶକୁ ଶୃଙ୍ଖଳିତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଛି। ଅନୁରୂପ ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ମଧ୍ୟ ଘନ ଘନ ବୈଠକ ବସି ‘୫–ଟି’ ସଚିବଙ୍କ ଗସ୍ତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଉଛି।

## କାଟେଣୀ ଗ୍ରାମରୁ ହଟିଲା ଜବରଦଖଲ

କାମାକ୍ଷାନଗର, ୬।୭(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାଟେଣୀ ଗ୍ରାମର ସରକାରୀ ଜମିରୁ ଗୁରୁବାର ଜବରଦଖଲ ହଟିଛି। ଗ୍ରାମର ପ୍ରାୟ ୧୬ ପରିବାର ସରକାରୀ ଜମିରେ ବେଆଇନ ଭାବେ ଘର କରି ରହୁଥିବା ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ପରିବାରକୁ ଜୁଲାଇ ୫ ସୁଦ୍ଧା ହଟିଯିବା ପାଇଁ ନୋଟିସ୍ କରାଯାଇଥିଲା। ଏହାକୁ ଅମାନ୍ୟ କରିବାରୁ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଅତିରିକ୍ତ ତହସିଲଦାର ଝସକେତନ ନାୟକ, ତୁମୁସିଙ୍ଗା ଥାନା ଅଧିକାରୀ ପ୍ରଦୀପ ରଞ୍ଜନ ପାତ୍ର ସଦଳବଳ ଉପସ୍ଥିତ ଥିଲେ। ଅନ୍ୟପଟେ ଏଭଳି ଉଚ୍ଛେଦକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଗୋଟିଏ ପ୍ଲାଟୁନ୍ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।




ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

## ପରିଶ୍ରମ, ଆତ୍ମବିଶ୍ୱାସ ସଫଳତା ଦେବ

କାମାକ୍ଷାନଗର, ୬।୭(ସୁଧୀର ପରିଡ଼ା)

ପରିଶ୍ରମ, ଆତ୍ମବିଶ୍ୱାସ ସଫଳତା ଦେବ। ସକାରାତ୍ମକ ମନୋଭାବ ନେଇ ଆଗକୁ ବଢ଼ିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସହଜ ହେବ ବୋଲି କାମାକ୍ଷାନଗର ବ୍ଲକ ଯନ୍ତାରିବୋଲସ୍ଥିତ ଆଦର୍ଶ ବିଦ୍ୟାଳୟରେ ଗୁରୁବାର ଅନୁଷ୍ଠିତ ସ୍ୱାଗତ ଉତ୍ସବରେ ମତପ୍ରକାଶ ପାଇଛି।

ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ବିଡିଓ ବିକାଶ କୁମାର ମହାନ୍ତି, ମୁଖ୍ୟବକ୍ତା କାମାକ୍ଷାନଗର କଲେଜ ଅଧ୍ୟକ୍ଷ ମଙ୍ଗୁଳି ନାଏକ, ସମ୍ମାନିତ ଅତିଥି ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଇଓ ସରୋଜ ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରାଇଥିଲେ। ୧୦ମ ଓ ୧୨ଶ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର, ମାର୍ଗଦର୍ଶୀ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷୟିତ୍ରୀ ଜୁଲି ଅଞ୍ଜଳି ବାଖଲା, ଶିକ୍ଷକ ସୁଶାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ମାନସୀ ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।



ଅତିଥିମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ଆଖିଧରା କମାଉଛି ଉପସ୍ଥାନ

- ପ୍ରଭାବିତ ହେଲାଣି ଶିକ୍ଷାଦାନ ବ୍ୟବସ୍ଥା
- ଅଭିଯୋଗକୁ ଅପେକ୍ଷା କରିଛି ଶିକ୍ଷା ବିଭାଗ



**ସଂକ୍ରାମକ ଆଖିଧରା ପାଇଁ ଗାଁଠାରୁ ସହର ଯାଏ ସୃଷ୍ଟି ହୋଇଛି ଅଭାବନୀୟ ସ୍ଥିତି। ଘରେ ଘରେ ଏକାଧିକ ଆକ୍ରାନ୍ତ ଯନ୍ତ୍ରଣା ପାଉଛନ୍ତି। ସଂକ୍ରମିତ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଶିକ୍ଷାନୁଷ୍ଠାନରେ ଉପସ୍ଥାନ କମିବାରେ ଲାଗିଛି, ଯାହାର ପ୍ରଭାବ ପଡ଼ିଲାଣି ଶିକ୍ଷା ବ୍ୟବସ୍ଥା ଉପରେ। ଶିକ୍ଷା ବିଭାଗ ପକ୍ଷରୁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ସଂକ୍ରମଣ ଭୟରେ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ସ୍କୁଲ ଛାଡ଼ିବାକୁ ଅମଙ୍ଗ ହେଉଛନ୍ତି।**

ଭୁବନ, ୬।୭(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଅଞ୍ଚଳରେ ଆଖିଧରା ସଂକ୍ରମଣ ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ସାମୂହିକ ଶିକ୍ଷାଦାନ ବେଳେ ଜାଣତ ଅଜାଣତରେ ବହୁସଂଖ୍ୟକ ଛାତ୍ରୀଛାତ୍ର ଏହାର ଶିକାର ହୋଇଛନ୍ତି। ସଂକ୍ରମଣ ଆଶଙ୍କାରେ ସୁସ୍ଥ ପିଲାମାନେ ବିଦ୍ୟାଳୟକୁ ଆସିବାକୁ ଭୟ କରୁଛନ୍ତି। ଫଳରେ ଉପସ୍ଥାନ କମିବାରେ ଲାଗିଛି।

ଭୁବନ ଏନ୍‌ଏସି ଅଧୀନ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଗତ ୫ଦିନ ମଧ୍ୟରେ ୯୧ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଅଛନ୍ତି। ଅଧିକାଂଶଙ୍କ ଛୁଟିରେ ରହିବାର କାରଣ ଆଖିଧରା ବୋଲି ଜଣାପଡ଼ିଛି। ସ୍କୁଲରେ ୪୮୨ ଜଣ ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ଗୁରୁବାର ୩୯୧ ଜଣ ଉପସ୍ଥିତ ଥିଲେ। ଅଭିଭାବକଙ୍କ କହିବା କଥା, ଯେହେତୁ ସ୍କୁଲରେ ପିଲାମାନେ ମିଳିମିଶି ପାଠ ପଢୁଛନ୍ତି, ତେଣୁ ସେମାନଙ୍କୁ ଆଖିଧରା ଡେଇଁବା ଆଶଙ୍କା ବେଶି। ଏବେ ଅଧିକାଂଶ ଛାତ୍ରୀଛାତ୍ର ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହା ଅତ୍ୟଧିକ କ୍ଷତିକାରକ ନ ହେଲେ ମଧ୍ୟ ୨–୩ଦିନ ଯନ୍ତ୍ରଣା ଦେଇଥାଏ। ସୁସ୍ଥ ପିଲାଙ୍କୁ ସ୍କୁଲକୁ ପଠାଇଲେ ଘରେ ପରିବାରର ସଦସ୍ୟଙ୍କୁ ସଂକ୍ରମଣ ବ୍ୟାପିବ। ତେଣୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପିଲାଙ୍କୁ ଘରେ ରହି ପଢ଼ିବାକୁ ପରାମର୍ଶ ଦେଉଛୁ। କେବଳ ନୂଆଭୁବନ ନୋଡାଲ ହାଇସ୍କୁଲ ନୁହେଁ, ଭୁବନ ଅଞ୍ଚଳର ଅଧିକାଂଶ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ସମାନ ସମସ୍ୟା ଦେଖିବାକୁ ମିଳିଛି।

### ଭୟଭୀତ ହୋଇ ଛାତ୍ରୀଛାତ୍ର ସ୍କୁଲ ଆସୁନାହାନ୍ତି



ପିଲାମାନଙ୍କ ମଧ୍ୟରେ ଆଖିଧରା ସଂକ୍ରମଣ ବଢ଼ିବାରେ ଲାଗିଛି। ଭୟଭୀତ ହୋଇ ଛାତ୍ରୀଛାତ୍ର ସ୍କୁଲ ଆସୁନାହାନ୍ତି। ସରକାରଙ୍କ ପକ୍ଷରୁ ଚିକିତ୍ସା ପାଇଁ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ସମସ୍ୟା ବଢ଼ିବ।

-ଖଗେଶ୍ୱର ବେହେରା, ନୂଆଭୁବନ ନୋଡାଲ ହାଇସ୍କୁଲ

### ଅଭିଯୋଗ ଆସିଲେ ଚିକିତ୍ସା ବ୍ୟବସ୍ଥା କରାଯିବ



ବିଭିନ୍ନ ସ୍କୁଲରେ ଆଖିଧରା ସଂକ୍ରମଣ ବଢ଼ିବାରେ ଲାଗିଛି। ହେଲେ କୌଣସି ବିଦ୍ୟାଳୟ ପକ୍ଷରୁ ଅବଗତ କରାଯାଇନାହିଁ। ଅଭିଯୋଗ ଆସିଲେ ଜିଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯିବା ସହ ଚିକିତ୍ସା ବ୍ୟବସ୍ଥା କରାଯିବ।

-ଆଦିତ୍ୟ କୁମାର ସାମଲ, ବ୍ଲକ ଶିକ୍ଷା ଅଧିକାରୀ

ଅନ୍ୟପଟେ ଶିକ୍ଷା ବିଭାଗ ପକ୍ଷରୁ ଅଦ୍ୟାବଧି ସଂକ୍ରମଣ ରୋକିବା ଲାଗି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଏ ସଂକ୍ରାନ୍ତରେ ବିଭାଗୀୟ ପଦସ୍ଥ ଅଧିକାରୀଙ୍କ ନିକଟରେ ସୂଚନା ଥିଲେ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଧିବଦ୍ଧ ଭାବେ ଅଭିଯୋଗ କରି ନ ଥିବା କହି ସେମାନେ ଦାୟିତ୍ୱରୁ ମୁହଁ ଫେରାଇ ନେଉଛନ୍ତି। ତେଣୁ ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଯିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ। ରାଜ୍ୟ ସରକାର ଜାରି କରିଥିବା ମାର୍ଗଦର୍ଶିକା ସମ୍ପର୍କରେ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଏବଂ ସ୍ୱାସ୍ଥ୍ୟ ବିଭାଗ ସହ ସମନ୍ୱୟ ରଖି ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ଅଭିଭାବକମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ଭୂତଳ ପାଇପ ଜଳଯୋଗାଣ ପରୀକ୍ଷଣ

ଆଠମଲ୍ଲିକ,୬।୭(ଉଦୀପ୍ତ ପୁରୋହିତ): ଆଠମଲ୍ଲିକସ୍ଥିତ ମାନଜୋର ମଧ୍ୟମ ଜଳସେଚନ ପ୍ରକଳ୍ପର ଭୂତଳ ପାଇପ ଜଳଯୋଗାଣ କାର୍ଯ୍ୟର ପ୍ରଥମ ପର୍ଯ୍ୟାୟ ପରୀକ୍ଷଣ କରାଯାଇଛି। ପୁରୁଣାମାଣ୍ଡ୍ରୀ ପଞ୍ଚାୟତ କାର୍ଯ୍ୟାଳୟ ନିକଟ ମାନଜୋର ମୁଖ୍ୟ କେନାଲରୁ ଭୂତଳ ପାଇପ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି। ସମୁଦାୟ ୨୦୧୩ ହେକ୍ଟର ଚାଷଜମି ଜଳସେଚିତ ହେବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୭୪୪ ହେକ୍ଟର ଜଳସେଚିତ ହେବାକଥା। ତେବେ ସେଥିରୁ ପ୍ରଥମ ପର୍ଯ୍ୟାୟରେ ୫୮୦ ହେକ୍ଟର ଜଳସେଚିତ ସମ୍ପୂର୍ଣ୍ଣ ହୋଇଛି। ଏହି ପରୀକ୍ଷଣ ବେଳେ ମାନଜୋର ସହକାରୀ ନିର୍ବାହୀ ଯନ୍ତ୍ରୀ ସୌଦାମିନୀ ବଙ୍କିରା, ସହାୟକ ଯନ୍ତ୍ରୀ ମୁନିରଞ୍ଜନ କିଷାନ, ସହାୟକ ଯନ୍ତ୍ରୀ ଋଷି ଧନୱାର, ପ୍ରକଳ୍ପ ଏଜେନ୍ସି ପକ୍ଷରୁ ପ୍ରକଳ୍ପ ସମନ୍ୱୟକାରୀ ତପନ ପରିଡା, ପ୍ରକଳ୍ପ ପରିଚାଳକ ନିର୍ଭୟ ଦିଗନ୍ତ, ସହକାରୀ କମଳା କାନ୍ତ ଷଡଙ୍ଗୀ ଓ ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ୮୦୪ ଓ ତୃତୀୟ ପର୍ଯ୍ୟାୟରେ ୪୦୫. ୭୯୨ ହେକ୍ଟର ଜଳସେଚିତ ହୋଇପାରିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ କୁମାର ନାୟକ ପ୍ରକାଶ କରିଛନ୍ତି।

# ସ୍ଥାନାନ୍ତର ପାଇଁ ମାସେ ସମୟ

ବଇଣ୍ଡା,୬।୭(ପରିକ୍ଷିତ ସାହୁ)

- ମଦଭାଟି ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ଅଭିଯୋଗ
- ଜିଲାପାଳଙ୍କ ଉଦ୍ଦେଶ୍ୟରେ ସରପଞ୍ଚଙ୍କୁ ଦିଆଗଲା ଦାବିପତ୍ର
- ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ କରିବେ ବଇଣ୍ଡାବାସୀ

ଦେଶୀ ମଦ ଭାଟି ନିକଟରେ ଜମି ରହୁଛି ଆବର୍ଜନା ପାଣି। ଅନ୍ୟତ୍ର ଫିଙ୍ଗାଯାଉ ନାହିଁ ନିଷ୍କାସିତ ହେଉଥିବା ପୋଚ। ବର୍ଷ ବର୍ଷ ଧରି ଏହା ଗଚ୍ଛିତ ହୋଇ ରହୁଥିବାରୁ ଦୁର୍ଗନ୍ଧରେ ଫାଟି ଯାଉଛି ନାକ। ପ୍ରଦୂଷିତ ହେଉଛି ଭାଟି ନିକଟସ୍ଥ ପାନୀୟ ଜଳ ଉତ୍ସ। ଫଳରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିବାକୁ ପଡୁଥିବା ଅଭିଯୋଗ କରିଛନ୍ତି ଅନୁଗୋଳ ଜିଲା ବଇଣ୍ଡା ଗ୍ରାମବାସୀ। ଏ ନେଇ ଦୀର୍ଘବର୍ଷ ହେଲା ସେମାନେ ପ୍ରତିବାଦ କରି ଆସୁଛନ୍ତି। ପ୍ରଶାସନ, ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ କରୁଛନ୍ତି। ଜନବସତି ଠାରୁ ଏହି ଭାଟିକୁ ଦୂରେଇ ଦେବାକୁ ଦାବି କରୁଛନ୍ତି। ହେଲେ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବଇଣ୍ଡା ଗ୍ରାମବାସୀ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗୁରୁବାର ଅନୁଗୋଳ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସେମାନେ ସରପଞ୍ଚଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ମାସେ ମଧ୍ୟରେ ଭାଟି ସ୍ଥାନାନ୍ତର ନ ହେଲେ ଜୋର୍‌ଦାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗରେ ବଇଣ୍ଡା ଗ୍ରାମବାସୀ ଦର୍ଶାଇଛନ୍ତି, କିଶୋରନଗର ବ୍ଲକ ବଇଣ୍ଡା ବୈଷ୍ଣବସାହିଠାରେ ଏକ ଦେଶୀ ମଦ ଭାଟି



ଦେଶୀ ମଦ ଭାଟି ପରିସରରେ ଜମି ରହିଥିବା ଆବର୍ଜନା ଜଳ।

ରହିଛି। ୨୦୦୩ ମସିହାରେ ଅନୁଗୋଳର ଜଣେ ମଦ ବ୍ୟବସାୟୀ ଏଠାରେ ଭାଟି ଆରମ୍ଭ କରିଥିଲେ। ପ୍ରଥମେ ଏଠାରେ ମହୁଲି ମଦ ପ୍ରସ୍ତୁତ ହେଉଥିଲା। ଏବେ ମହୁଲି ସହ ଦେଶୀ ମଦ ରନ୍ଧାଯାଇ ବାହାରକୁ ଚାଲାଣ କରାଯାଉଛି। ହେଲେ ଭାଟିର ଅପରିଷ୍କାର ପାଣି, ପୋଚ ଆଦିର ଠିକ୍ ପରିଚାଳନା କରାଯାଉ ନ ଥିବାରୁ ଏହା ବର୍ଷ ବର୍ଷ ଧରି ଭାଟି ନିକଟରେ ଜମା ହୋଇ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ଗାଁର ଖୋଲାକୂଅ, ନଳକୂଅ ଜଳକୁ ଦୂଷିତ କରୁଛି। ନଳକୂଅରୁ ନାଲିରଙ୍ଗର ପାଣି ବାହାରୁଥିବା ଯୋଗୁ ଏହାକୁ ବ୍ୟବହାର କରାଯାଇପାରୁ ନାହିଁ। ଏହି ଭାଟି ଯୋଗୁ ନିକଟରେ ଥିବା ୨ଟି ବିଦ୍ୟାଳୟର ପରିବେଶ ଅସ୍ୱାସ୍ଥ୍ୟକର ଓ ଅସୁରକ୍ଷିତ ହୋଇପଡୁଛି। ଭାଟି ନିକଟ ମୁଖ୍ୟ ରାସ୍ତାରେ ଯାତାୟାତ ପାଇଁ ଛାତ୍ରୀଛାତ୍ର ଓ ଗ୍ରାମର ଯୁବତୀ, ମହିଳାମାନେ ଭୟ କରୁଛନ୍ତି। ଅନେକ ସମୟରେ ମଦ୍ୟପ ବ୍ୟକ୍ତିମାନେ ଏଠାରେ ଆଡ୍ଡା ଜମାଉଥିବାରୁ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଏଥିସହ ଏହି ଭାଟିରୁ ବିଭିନ୍ନ ପଞ୍ଚାୟତକୁ ମଦ ଚୋରା ଚାଲାଣ କରାଯାଉଛି। ତେଣୁ ଏଠାରେ ଥିବା ଦେଶୀ ମଦ ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବଇଣ୍ଡା ଗ୍ରାମବାସୀ ୩୦ ଏପ୍ରିଲ ୨୦୧୭, ୧୨ ଜୁଲାଇ ୨୦୨୦, ୩ ଅଗଷ୍ଟ ୨୦୨୨ରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ, ଜିଲାପାଳ, ଅବକାରୀ ମନ୍ତ୍ରୀ, ଆଠମଲ୍ଲିକ ବିଧାୟକଙ୍କୁ ଅଭିଯୋଗ କରିଥିଲେ। ଗତ ମଙ୍ଗଳବାର ଭାଟି ମ୍ୟାନେଜରଙ୍କୁ ଘେରାଉ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେଣୁ ଗୁରୁବାର ବଇଣ୍ଡା ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନୁନୁକାପଶି ସରପଞ୍ଚଙ୍କୁ ପ୍ରଦାନ କରିବା ସହ ମାସେ ମଧ୍ୟରେ ଭାଟି ସ୍ଥାନାନ୍ତର ପାଇଁ ଦାବି କରିଛନ୍ତି। ଏ ନେଇ ବଇଣ୍ଡା ଅବକାରୀ ସବ୍‌ଇନ୍ସପେକ୍ଟର ରଞ୍ଜିତା ହରିଚନ୍ଦନ କହିଛନ୍ତି, ଗ୍ରାମବାସୀଙ୍କ ଦାବି ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବେ।

### କୌଣସି ପଦକ୍ଷେପ ନିଆଯାଉ ନାହିଁ



ଦେଶୀ ମଦ ଭାଟି ଯୋଗୁ ବଇଣ୍ଡା ବୈଷ୍ଣବସାହିବାସୀ ବହୁ ହୀନସ୍ତା ହେଉଛନ୍ତି। ତେଣୁ ଭାଟି ସ୍ଥାନାନ୍ତର ପାଇଁ ଦୀର୍ଘବର୍ଷ ହେଲା ଦାବି କରାଯାଇ ଆସୁଛି। କିନ୍ତୁ ପ୍ରଶାସନ ପକ୍ଷରୁ ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ।

-ପ୍ରମୋଦ କୁମାର ପ୍ରଧାନ, ବୈଷ୍ଣବସାହିବାସୀ

### ଆଇନଶୃଙ୍ଖଳା ପରିସ୍ଥିତି ଉପୁଜୁଛି



ଜନବସତି ନିକଟରେ ଦେଶୀ ମଦ ଭାଟି ଥିବା ଯୋଗୁ ମଦ୍ୟପଙ୍କ ସଂଖ୍ୟା ବଢୁଛି। ଫଳରେ ଅନେକ ସମୟରେ ଗାଁରେ ଅଯଥାରେ ଗଣ୍ଡଗୋଳ ସୃଷ୍ଟି ହେଉଛି। ସନ୍ଧ୍ୟା ହେଲେ ଭାଟି ରାସ୍ତା ଦେଇ ଯିବାକୁ ଲୋକେ ନିରାପଦ ମନେ କରୁନାହାନ୍ତି।

-ମାନସ ରଞ୍ଜନ ସାହୁ, ବଇଣ୍ଡା

### ସାହିବାସୀ ଅନେକ ସମସ୍ୟାରେ ଅଛନ୍ତି



ପୋଚ ଏତେ ଦୁର୍ଗନ୍ଧ ହେଉଛି ଯେ ଘରେ ରହି ହେଉନାହିଁ। ଦୀର୍ଘବର୍ଷ ହେଲା ସାହିବାସୀ ଏଥିଯୋଗୁ ଅନେକ ସମସ୍ୟାରେ ଅଛନ୍ତି। ତୁରନ୍ତ ପ୍ରଶାସନ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ଓ ଏହି ଭାଟିକୁ ଗାଁ ନିକଟରୁ ଅନ୍ୟତ୍ର ଉଠାଇ ନେଉ।

-ସଂଘମିତ୍ରା ମିଶ୍ର, ବଇଣ୍ଡା

### ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି



ଏହି ଦେଶୀ ଭାଟିରେ ଦିନରାତି ମଦ ରନ୍ଧାଯାଉଛି। କିନ୍ତୁ ଆବର୍ଜନାର ଠିକ୍ ପରିଚାଳନା ନେଇ କୌଣସି ବ୍ୟବସ୍ଥା ନାହିଁ। ଫଳରେ ବର୍ଷ ବର୍ଷ ଧରି ଏହା ଭାଟି ନିକଟରେ ଗଚ୍ଛିତ ରହି ପୂତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି।

-ରମାକାନ୍ତ ବେହେରା, ବଇଣ୍ଡା

### ପ୍ରଶାସନକୁ ଅବଗତ କରାଯିବ



ବଇଣ୍ଡା ବୈଷ୍ଣବସାହି ନିକଟରେ ଥିବା ଦେଶୀ ମଦ ଭାଟି ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ଭାଟି ଯୋଗୁ ଲୋକେ ହୀନସ୍ତା ହେଉଥିବା ଦର୍ଶାଇଛନ୍ତି। ତୁରନ୍ତ ଉକ୍ତ ଅଭିଯୋଗପତ୍ର ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯିବ।

-ଦୀପ୍ତିମୟୀ ସାହୁ, ସରପଞ୍ଚ

# ପ୍ରତିଭା ସମ୍ମାନ ପୁରସ୍କାର ବିତରଣ

ତାଳଚେର,୬।୭(ମନୋଜ ନନ୍ଦ)

ତାଳଚେରସ୍ଥିତ ଗଡ଼ତଳ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ପ୍ରତିଭା ସମ୍ମାନ ତଥା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ପ୍ରଥମ ୧୦ଟି ସ୍ଥାନ ଅଧିକୃତ କରିଥିବା ଛାତ୍ରୀଛାତ୍ର ତଥା ସେମାନଙ୍କ ଅଭିଭାବକମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଖେଳକୁଦ ତଥା ଅନ୍ୟାନ୍ୟ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୀଳକଣ୍ଠେଶ୍ୱର ଯୁକ୍ତ ୩ କଲେଜ ଅଧ୍ୟକ୍ଷ ଡ. ବଳଭଦ୍ର ଜେନା, ଅନ୍ୟତମ ସମ୍ମାନିତ ଅତିଥି ଜ୍ୟୋତି ମିଶ୍ର, ଅନନ୍ତ ଡିଏଭି ଉ.ମା ବିଦ୍ୟାଳୟର ଅଧ୍ୟକ୍ଷ ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ନରେନ୍ଦ୍ର କୁମାର ପାଇକରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଇଂଲିଶ ଅଧ୍ୟାପିକା ବସନ୍ତମଞ୍ଜରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



# ନିର୍ବାହୀ ଯନ୍ତ୍ରୀଙ୍କୁ ଘେରିଲା ଭାଜପା

ତାଳଚେର,୬।୭(ମନୋଜ ନନ୍ଦ)

କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ଅନୁଗୋଳ ଜିଲା ତାଳଚେରର ସମସ୍ତ ହିତାଧିକାରୀଙ୍କ ଘରକୁ ଏଯାଏ ବିଜୁଳି ସଂଯୋଗ ହୋଇପାରି ନାହିଁ। ଏହାର ପ୍ରତିବାଦ ସହ ଜାରି ରହିଥିବା ବିଦ୍ୟୁତ୍ ବିଭ୍ରାଟ ଓ ଲୋ ଭୋଲଟେଜ ସମସ୍ୟାର ସମାଧାନ ଦାବିରେ ଗୁରୁବାର ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଛାଇଁପାଳସ୍ଥିତ ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏଥିସହ ନିର୍ବାହୀ ଯନ୍ତ୍ରୀ ଜିତେନ୍ଦ୍ର କୁମାର ପାତ୍ରଙ୍କ ସହ ଦାବି ସମ୍ପର୍କରେ ଦୀର୍ଘ ସମୟ ଧରି ଆଲୋଚନା କରାଯାଇଥିଲା। ସୌଭାଗ୍ୟ ଯୋଜନାରେ ତାଳଚେରର ୧୬ ହଜାର ୫୦୦ ଘରକୁ ନିଃଶୁଳ୍କ ବିଦ୍ୟୁତ୍ ସଂଯୋଗ ଦିଆଯାଇଥିବା



ନିର୍ବାହୀ ଯନ୍ତ୍ରୀଙ୍କ ସହ ଭାଜପା କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

କୁହାଯାଉଛି। କିନ୍ତୁ ବାସ୍ତବରେ ଅର୍ଦ୍ଧାଧିକ ହିତାଧିକାରୀ ସୌଭାଗ୍ୟ ଯୋଜନାରୁ ବଞ୍ଚିତ ରହିଛନ୍ତି। ଏହି ତଥ୍ୟକୁ ନିର୍ବାହୀ ଯନ୍ତ୍ରୀ ସ୍ୱୀକାର କରିବା ସହ ଯୁଦ୍ଧକାଳୀନ ଭିତ୍ତିରେ ଏ ନେଇ କାର୍ଯ୍ୟ କରାଯିବ ବୋଲି ଆଲୋଚନା ବେଳେ ଭାଜପା ନେତାମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମଲଙ୍କ ସମେତ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ସନ୍ତପଡା ସରପଞ୍ଚ ସହଦେବ ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଚନ୍ଦ୍ରକାନ୍ତ ଧଳ, ଯୁବମୋର୍ଚ୍ଚା ଜିଲା ସଂଯୋଜକ ଇତନୁ କୁମାର ଭୁକ୍ତାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ଖେଳପଡ଼ିଆ କାର୍ଯ୍ୟ ବନ୍ଦ ଦାବି

ଛେଣ୍ଡିପଦା,୬।୭(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବାଗଡିଆ ପଞ୍ଚାୟତ ବାମନାଳି ଗ୍ରାମରେ ଥିବା ସରକାରୀ ଜମିରେ ଖେଳପଡିଆ କାର୍ଯ୍ୟ ତୁରନ୍ତ ବନ୍ଦ କରିବା ଦାବିରେ ଗୁରୁବାର ଗ୍ରାମବାସୀ ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାରୁ ପ୍ରକାଶ, ବାଗଡିଆ ବାମନାଳି ଗ୍ରାମରେ ସରକାରୀ ଜମିରେ ୨୦୧୮ ମସିହାରେ ଛେଣ୍ଡିପଦା ବନାଞ୍ଚଳ ପକ୍ଷରୁ ଗ୍ରାମବାସୀଙ୍କ ସହାୟତାରେ ଚାରାରୋପଣ କରାଯାଇଥିଲା। କିନ୍ତୁ ଉକ୍ତ ସରକାରୀ ଜମିରେ ପଞ୍ଚାୟତ ପକ୍ଷରୁ ଖେଳ ପଡିଆ କରାଯିବା ନିମନ୍ତେ କାର୍ଯ୍ୟ କରାଯାଉଥିବାରୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ଏକ ଦାବିପତ୍ର ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ପରେ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ସେଠୀ, ଯନ୍ତ୍ରୀ ଲଲାଟେନ୍ଦୁ ସିଂହଙ୍କ ସମେତ ବିଭାଗୀୟ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଗ୍ରାମବାସୀଙ୍କ ସହିତ ଆଲୋଚନା ପରେ କାର୍ଯ୍ୟ କରାଯିବ ବୋଲି ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଛନ୍ତି।



ବ୍ଲକ ସହକାରୀ ଯନ୍ତ୍ରୀଙ୍କୁ ଗ୍ରାମବାସୀ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି।

# ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ କର୍ମୀ

ଅନୁଗୋଳ,୬।୭(ଅମିତ କୁମାର ସାମଲ)

ଅନୁଗୋଳ ନିର୍ବାଚନମଣ୍ଡଳୀର ୧୪ ଜଣ ବିଜେଡି ଓ କଂଗ୍ରେସ କର୍ମୀ ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନୂଆଦିଲ୍ଲୀସ୍ଥିତ ବାସଭବନରେ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଭାଜପାରେ ଯୋଗଦେଇଥିବା କର୍ମୀମାନେ ହେଲେ ରନ୍ତଲେଇ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସୁଜିତ ସାହୁ, ଖୃଣ୍ଡା ପଞ୍ଚାୟତ ସେବା ସମବାୟ ସମିତି ଅଧ୍ୟକ୍ଷ ପ୍ରଦୀପ ନାଏକ, ବିଦ୍ୟାଧର ପ୍ରଧାନ, ଦୀନବନ୍ଧୁ ସାହୁ, ପୁଲକ ସାହୁ, ସୁବ୍ରତ ପ୍ରଧାନ, ଦୀପୁ ସାହୁ, ବିକାଶ ସାହୁ, ଚନ୍ଦ୍ରକାନ୍ତ ବିଶାଳ, ସଞ୍ଜୀବ ବେହେରା, ସନ୍ତୋଷ ସାହୁ, ଜୟେଶର ସାହୁ। କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଏବଂ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ଉପରେ ଆସ୍ଥା ପ୍ରକଟ କରି ସେମାନେ ଭାଜପରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପାରେ ଯୋଗଦେଇଥିବା କର୍ମୀମାନେ।

# କୂଅକୁ ଟ୍ରାକ୍ଟର ଖସି ଚାଳକ ମୃତ

ଛେଣ୍ଡିପଦା,୬।୭(ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଜାମୁଣ୍ଡା ଗ୍ରାମର ଚାଷ ଜମିରେ ଏକ ଟ୍ରାକ୍ଟର ଚଳାଇବା ବେଳେ ତାହା କୂଅକୁ ଖସିପଡ଼ିବାରୁ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତ ଚାଳକ ହେଲେ ଜାମୁଣ୍ଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରା। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିବା ସହିତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ପାଣି ଭିତରୁ ଚାଳକଙ୍କୁ ଉଦ୍ଧାର କରିଥିଲେ। ହେଲେ ସେତେବେଳକୁ ଚାଳକଙ୍କ ମୃତ୍ୟୁ ହୋଇସାରିଥିଲା। ଏ ନେଇ ନିଶା ଶିଳ୍ପାଞ୍ଚଳ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସ୍ମିତାଞ୍ଜଳି ପ୍ରଧାନ ପ୍ରକାଶ କରିଛନ୍ତି।

# ଗଛ ଲଗାଇଲେ ତାପମାତ୍ରା କମିବ

ବଇଣ୍ଡା,୬।୭(ପରିକ୍ଷିତ ସାହୁ)

ଶିଳ୍ପ ବହୁଳ ଅନୁଗୋଳ ଜିଲାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସମସ୍ତେ ଚାରା ଲଗାଇଲେ ତାପମାତ୍ରା କମିବ ବୋଲି ଗୁରୁବାର ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଷୋଳପଦା ଡିଗ୍ରୀ କଲେଜ ପରିସରରେ ଏନ୍‌ଏସ୍‌ଏସ୍ ଓ ବନ ବିଭାଗ ପକ୍ଷରୁ ଅନୁଷ୍ଠିତ ବନ ମହୋତ୍ସବରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ସରୋଜ ରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁଧାଂଶୁ ଶେଖର ଗୋରା, ଅନ୍ୟତମ ଅତିଥି ଭାବେ ଆଠମଲ୍ଲିକ ଉପଜିଲାପାଳ ତରଣୀ ସୁନା, ତହସିଲଦାର ଯଶୋବନ୍ତ ଦେହୁରୀ, ଆଠମଲ୍ଲିକ ଡିଏଫଓ ସନ୍ତୋଷ କୋପୁଲ, ଏସିଏଫ ଗୌରୀ ଶଙ୍କର ଦାସ, ସଚିତା ନନ୍ଦ ସେଠୀ, ଧଣ୍ଡାତୋପା ରେଞ୍ଜର ବବ୍ରୁବାହନ ସାହୁ ଯୋଗଦେଇଥିଲେ। ଏନ୍‌ଏସ୍‌ଏସ୍ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. କଲ୍ୟାଣୀରୂପା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ବାଘ ଆକ୍ରମଣରେ ୨ ଆହତ

ଅନୁଗୋଳ,୬।୭(ଅମିତ କୁମାର ସାମଲ)

ଅନୁଗୋଳ ବନଖଣ୍ଡ ପୁକୁଣ୍ଡା ସେକ୍ସନରେ ଗୁରୁବାର କଲରାପତରିଆ ବାଘ ଆକ୍ରମଣରେ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କୃଷ୍ଣଚନ୍ଦ୍ରଗଡ଼ ଗ୍ରାମର ଜନକ ବେହେରା(୪୦) ଓ ନେକୁରୀ ବେହେରା(୪୦)। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପରେ ଘରକୁ ପଠାଇ ଦିଆଯାଇଛି। ତେବେ ବାଘ ଆକ୍ରମଣ ଖବର ଜଣାପଡ଼ିବା ପରେ ଗାଁରେ ଭୟର ବାତାବରଣ ଖେଳିଯାଇଛି।

ସୂଚନା ଅନୁଯାୟୀ, ଜନକ ଓ ନେକୁରୀ ସକାଳେ ଗ୍ରାମ ନିକଟସ୍ଥ ପଡ଼ିଆକୁ ଛେଳି ଚରାଇବାକୁ ଯାଇଥିଲେ। ମଧ୍ୟାହ୍ନରେ ହଠାତ୍ ଏକ କଲରାପତରିଆ ବାଘ ଏକ ଛେଳିକୁ ଝାମ୍ପ ମାରିଥିଲା। ଏହାପରେ ଉକ୍ତ ବାଘ ଜନକଙ୍କୁ ଆକ୍ରମଣ କରିଥିଲା। ଜନକ ହାତରେ ଧରିଥିବା ଟାଙ୍ଗିଆ ଫିଙ୍ଗିବାରୁ ବାଘଟି ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ବାଘକୁ ଦେଖି ପାଖରେ ଥିବା ନେକୁରୀ ଦୌଡ଼ି ପଳାଇବାକୁ ଚେଷ୍ଟା କରିବା ବେଳେ ପଡ଼ିଯାଇ ଆହତ ହୋଇଥିଲେ। ଗାଁ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ଖବରପାଇ ବନ ବିଭାଗ କର୍ମଚାରୀମାନେ ମେଡିକାଲରେ ପହଞ୍ଚି ୨ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ଏ ସମ୍ପର୍କରେ ଅନୁଗୋଳ ବନାଞ୍ଚଳ ଅଧିକାରୀ ଦେବେନ୍ଦ୍ର ମାଝି କହିଛନ୍ତି, କୃଷ୍ଣଚନ୍ଦ୍ରଗଡ଼ର ୨ ଜଣ କଲରାପତରିଆ ବାଘ ଆକ୍ରମଣର ଶିକାର ହୋଇଛନ୍ତି। ସେମାନଙ୍କ ଅବସ୍ଥା ଭଲ ଅଛି।



# ନକଲି ଔଷଧ ବିକ୍ରି, ୨ ଦୋକାନ ସିଲ୍

ଅନୁଗୋଳ,୬।୭(ଅମିତ କୁମାର ସାମଲ)

ନକଲି ଔଷଧ ବିକ୍ରି ଅଭିଯୋଗରେ ଅନୁଗୋଳ ସହରରେ ଥିବା ୨ଟି ଔଷଧ ଦୋକାନକୁ ଗୁରୁବାର ସିଲ୍ କରାଯାଇଛି। ଏଥିସହ ୪ ଜଣଙ୍କ ନାମରେ ଅନୁଗୋଳ ଥାନାରେ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ମୁକ୍ତିନନ୍ଦା ଶତପଥୀଙ୍କ ପକ୍ଷରୁ ଏତଲା ଦିଆଯିବା ପରେ ପୋଲିସ ନଂ. ୩୧୬/୨୩ରେ ମାମଲା ରୁଜୁ କରି ୪ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

ପ୍ରକାଶ ଯେ, ଅନୁଗୋଳ ବସ୍‌ଷ୍ଟାଣ୍ଡସ୍ଥିତ ମା' ବୁଢ଼ୀ ମେଡିସିନ୍ ଷ୍ଟୋର ଓ ଅମଳାପଡ଼ାରେ ଥିବା ହୋଲସେଲର୍ ଗଣପତି ଏଣ୍ଟରପ୍ରାଇଜେସ୍‌ରେ ନକଲି ଔଷଧ ବିକ୍ରି ହେଉଥିବା ସନ୍ଦେହ କରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ୨୦୨୨ ଡିସେମ୍ବର ୨୩ରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ନିକଟରେ ଅଭିଯୋଗ କରିଥିଲେ। ୧୨ ମେ ୨୦୨୩ରେ ଅନୁଗୋଳ ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଶତପଥୀଙ୍କ ନେତୃତ୍ୱରେ ଡ୍ରଗ୍ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉକ୍ତ ୨ ଦୋକାନରେ ଯାଞ୍ଚ କରି ୨୮ ଷ୍ଟ୍ରିପ୍ ନକଲି ଔଷଧ ଜବତ କରିବା ସହ ପରୀକ୍ଷା ପାଇଁ ସିକିମ୍ ପଠାଇଥିଲେ। ସେଠାରୁ ଜୁନ ୨୬ରେ ରିପୋର୍ଟ ମିଳିବା ପରେ ଗତ ୫ ତାରିଖରେ ଉକ୍ତ ୨ ଦୋକାନ ଉପରେ ଚଢ଼ାଉ କରାଯାଇ ନକଲି ଔଷଧ ଓ ସେ ସମ୍ପର୍କିତ କାଗଜପତ୍ର ଜବତ କରାଯାଇଥିଲା। କାଗଜପତ୍ର ତନଖି ବେଳେ ଗତ ୨୨ ତାରିଖରେ କଟକରୁ ୧୦୦ ଷ୍ଟ୍ରିପ୍ ଓ କେନ୍ଦୁଝରରୁ ୧୦ ଷ୍ଟ୍ରିପ୍ ନକଲି ଔଷଧ ଆସିଥିବା ସୂଚନା ମିଳିଥିଲା। ମୋଟ୍ ଉପରେ ମା' ବୁଢ଼ୀ ମେଡିସିନ ଷ୍ଟୋର ଗଣପତି ଏଣ୍ଟରପ୍ରାଇଜେସ୍‌ରୁ ୧୭୮ ଷ୍ଟ୍ରିପ୍ ଓ କେନ୍ଦୁଝରରୁ ୮୮ ଷ୍ଟ୍ରିପ୍ ନକଲି ମେଡିସିନ ଆଣିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଗତ ୫ ତାରିଖ ରାତିରେ ଅନୁଗୋଳ ଥାନାରେ ମା' ବୁଢ଼ୀ ମେଡିସିନ ଷ୍ଟୋର ପାର୍ଟନର ସୁଦୀପ ଗଡ଼ନାୟକ, ଫାର୍ମାସିଷ୍ଟ ସଞ୍ଜୀବ କୁମାର



### ଥାନାରେ ୪ ଜଣଙ୍କ ନାମରେ ମାମଲା ରୁଜୁ

ସାହୁ, ଗଣପତି ଏଣ୍ଟରପ୍ରାଇଜେସ ପାର୍ଟନର ଭାଗ୍ୟଧର ସାହୁ ଓ ହାଡ଼ିବନ୍ଧୁ ବେହେରାଙ୍କ ନାମରେ ଏତଲା ଦିଆଯାଇଥିଲା। ଗୁରୁବାର ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଓ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ପହଞ୍ଚି ମା ବୁଢ଼ୀ ମେଡିସିନ୍ ଷ୍ଟୋରକୁ ସିଲ୍ କରିଥିଲା। ଏହି ସିଲ୍ ସମୟରେ ଅନୁଗୋଳ ଅତିରିକ୍ତ ତହସିଲଦାର ପ୍ରଶାନ୍ତ ସିଂହ, ଅନୁଗୋଳ ଥାନା ଏସ୍‌ଆଇ ପ୍ରଶାନ୍ତ ପ୍ରଧାନ ଉପସ୍ଥିତ ଥିଲେ। ଏହାପରେ ଗଣପତି ଏଣ୍ଟରପ୍ରାଇଜେସ୍‌କୁ ମଧ୍ୟ ସିଲ୍ କରଯାଇଥିଲା। ଘଟଣା ସମ୍ପର୍କରେ ଜିଲା ଡ୍ରଗ୍ସ ଅଧିକାରୀ ମୁକ୍ତିନନ୍ଦା ଶତପଥୀଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାଙ୍କ ମତାମତ ମିଳିପାରି ନାହିଁ।

